## ସଂକ୍ଷେପରେ

### ବାସୁଦେବପୁର ସୌରଭ ସମ୍ମାନ ଉତ୍ସବର ୭ମ ସନ୍ଧ୍ୟା

**ବାସୁଦେବପୁର, ୧୧।୧ (ଡି.ଏନ.ଏ.):** ବାସୁଦେବପୁର ଯାଦବ ପଡ଼ିଆରେ ନବନିର୍ମାଣ ସେନା ପକ୍ଷରୁ ଚାଲିଥିବା ସୌରଭ ସମ୍ମାନ ଉତ୍ସବର ୭ମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଯୁବ ସମାଜ ସାହିତ୍ୟ, ସଂସ୍କୃତି, କଳାକୁ ଉଜ୍ଜୀବିତ କରି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାର ଆବଶ୍ୟକତା ବଢ଼ିଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଭାଜପା ନେତା ମାଧବାନନ୍ଦ ମଲିକ ମୁଖ୍ୟବକ୍ତା ଓ ଯୁବ ସାମାଜିକ କର୍ମୀ ନୀଳମାଧବ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ପୌରୋହିତ୍ୟ କରିଥିଲେ ରଞ୍ଜନ ନାୟକ। ନବନିର୍ମାଣ ସେନାର ସଭାପତି ଜୟପ୍ରକାଶ ମଲିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ସେନା ଅଧିକାରୀ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ମୃତିଚାରଣ

**ପଦ୍ମପୁର, ୧୧।୧ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ରାଜଘରପୋଖରୀଠାରେ ଶହୀଦ ସେନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ୬ଷ୍ଠ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ବୈଲୋଚନ ଜେନା ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଶିକ୍ଷକ ସୁଧାଂଶୁ ଶେଖର ନାୟକ, କମଳା ପ୍ରସାଦ କର, ଭଦ୍ରକ ନାଭାଲ ୟୁନିଟର କମାଣ୍ଡର କଳାପାହାଡ ଦାସ, ବାସୁଦେବପୁର ଏନ୍‌ସିସିର କମାଣ୍ଡର ବିଷ୍ଣୁପ୍ରସାଦ ଜେନା, ଭଦ୍ରକ ଅବସରପ୍ରାପ୍ତ ସାମରିକ କର୍ମଚାରୀ ସଂଘ ସଭାପତି ରୋହିତ କୁମାର ରାୟ, ବାସୁଦେବପୁର ସଂଘର କୈଳାସ ଚନ୍ଦ୍ର ନାଥ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ରାଜଘରପୋଖରୀ ଗ୍ରାମର ହାଡ଼ିବନ୍ଧୁ ନାୟକଙ୍କ ପୁଅ। ସେ ୨୦୦୯ରେ ଭାରତୀୟ ସେନାରେ ଯୋଗ ଦେଇଥିଲେ। କାର୍ଯ୍ୟରତ ଅବସ୍ଥାରେ ସେ ରାଜସ୍ଥାନର ଯୋଧପୁର ଅଞ୍ଚଳରେ ଶହୀଦ ହୋଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୨୬ ବର୍ଷ ହୋଇଥିଲା। ତାଙ୍କ ପାଇଁ ବାସୁଦେବପୁର ଅଞ୍ଚଳବାସୀ ଗର୍ବିତ ବୋଲି ଅତିଥିମାନେ ମନ୍ତବ୍ୟ ଦେଇଥିଲେ।

# ସ୍ୱାବଲମ୍ବୀ କାରିଗରଙ୍କ ଧାରଣା

**ବନ୍ତ, ୧୧।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗରମାନେ ପ୍ରୋତ୍ସାହନ ରାଶି ଦାବିରେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ସ୍ୱାବଲମ୍ବୀ କାରିଗରମାନେ ନିଯୁକ୍ତି ପାଇ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ପଞ୍ଚାୟତରେ ସ୍ୱାବଲମ୍ବୀ କାରିଗରଙ୍କର ପ୍ରୋତ୍ସାହନ ରାଶି ମଞ୍ଜୁର କରାଯାଉ ନ ଥିବାବେଳେ ଟୁଲ୍‌କିଟ୍ସ ପ୍ରଦାନର ଚୁକ୍ତିନାମାକୁ ନବୀକରଣ କରାଯାଉ ନାହିଁ। ଏ ସମ୍ପର୍କରେ ବିଭିନ୍ନ ପଞ୍ଚାୟତର ସ୍ୱାବଲମ୍ବୀ କାରିଗର ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ବନ୍ତ, କେନ୍ଦୁଆପଦା, ମହାନ୍ତିପଡା, ଅଣିଜୋ, ଆଡିଆ, ଗଣିଜାଙ୍ଗ ଆଦି ପଞ୍ଚାୟତର ସ୍ୱାବଲମ୍ବୀ କାରିଗର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ ବିଡିଓ ଏହି ପଞ୍ଚାୟତଗୁଡ଼ିକର ସ୍ୱାବଲମ୍ବୀ କାରିଗରଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶନାମା ଦେବା ସହ ବିଡିଓଙ୍କ ସହିତ ସାକ୍ଷାତ ଆଲୋଚନା କରାଯାଇଥିଲା। ଏହି ପଞ୍ଚାୟତଗୁଡିକୁ ଚିଠି କରି ଏ ସମ୍ପର୍କରେ ଅବଗତ କରାଇବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସଂଘ ପକ୍ଷରୁ ବାଧ୍ୟ ହୋଇ ଧାରଣା ଦିଆଯାଇଥିଲା।

ବିଡିଓ ରେବେକା ବିଲୁଂଗ ଟ୍ରେନିଂରେ ଯାଇଥିବାରୁ ବନ୍ତ ତହସିଲଦାର ଫକୀର ଚରଣ ପରିଡା ଧାରଣାସ୍ଥଳରେ ପହଞ୍ଚିଥିଲେ। ଆସନ୍ତା ସୋମବାର ବିଡିଓଙ୍କ ଉପସ୍ଥିତିରେ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ କାରିଗରମାନେ ଧାରଣାରୁ ଓହରିଥିଲେ। ବ୍ଲକ ସ୍ୱାବଲମ୍ବୀ କାରିଗର ସଂଘ ସଭାପତି ଚିତ୍ତରଞ୍ଜନ ବାରିକ, ସମ୍ପାଦିକା ରମାମଣି ସାହୁ, ଜୟନ୍ତ ଯେନା, ଅବ୍ୟକ୍ତ ରାଉତ, ଅପର୍ଣ୍ଣା ସେଠୀ, କୈଳାସ ଯେନା ଓ ଇନ୍ଦୁମତୀ ପ୍ରଧାନ ପ୍ରମୁଖ ଧାରଣାରେ ସାମିଲ ଥିଲେ।



ସ୍ୱାବଲମ୍ବୀ କାରିଗରମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

■ପ୍ରୋତ୍ସାହନ ରାଶି ଦାବି

■ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ



ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

■ ସାଂସ୍କୃତିକ ମହୋତ୍ସବର ୭ମ ସନ୍ଧ୍ୟା

## 'ସଂସ୍କୃତି, ଐତିହ୍ୟର ସୁରକ୍ଷା ଲାଗି ସମ୍ମିଳିତ ଉଦ୍ୟମ ଆବଶ୍ୟକ'

**ଭଦ୍ରକ ଅଫିସ, ୧୧।୧**

ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଲାଗି ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି। ମହୋତ୍ସବ ପାଳନ ଏ ଦିଗରେ ଏକ ନିର୍ଣ୍ଣାୟକ ଭୂମିକା ନିଭାଇ ପାରିବ ବୋଲି ଭଦ୍ରକ ନେହେରୁ ଷ୍ଟାଡିୟମଠାରେ ଚାଲିଥିବା ସାଂସ୍କୃତିକ ମହୋତ୍ସବର ୭ମ ସନ୍ଧ୍ୟାରେ ଯୋଗ ଦେଇଥିବା ବିଶିଷ୍ଟ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ରବିନାରାୟଣ ଖିଲାର ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ ମୁଖ୍ୟଅତିଥି, ଶ୍ରମିକ ନେତା ଦିବ୍ୟସିଂହ ନାୟକ ମୁଖ୍ୟବକ୍ତା, ମହିଳା ବିଚାର ମଞ୍ଚ ଅଧ୍ୟକ୍ଷା ଡ. ସିପ୍ରା ହୀରା ବରେଣ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ଅବକ୍ଷୟରୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। କବୟିତ୍ରୀ ମନୋରମା ରାୟ ସ୍ୱାଗତ ଭାଷଣ, ସଞ୍ଜୁକ୍ତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଚୈତାଳୀ ଖିଲାର ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଯାତ୍ରା କଳାକାର ଗୌରା ପାଢ଼ୀ, ସୁକାନ୍ତି ପାଢ଼ୀ, ପ୍ରଭାସିନୀ ପାଣିଗ୍ରାହୀ, ଅନିରୁଦ୍ଧ ପାଢ଼ୀ, ଦ୍ୱୀପ୍ତିକୃଷ୍ଣା ପଣ୍ଡାଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ସପ୍ତମାତୃକା ଫୁଟବଲ ଟୁର୍ନାମେଣ୍ଟ

## ସେମିଫାଇନାଲରେ ବାରିପଦା ସ୍ପୋର୍ଟ୍ସ ହଷ୍ଟେଲ

**ଭଣ୍ଡାରିପୋଖରୀ, ୧୧।୧ (ସ୍ୱ.ପ୍ର)**

ଭଦ୍ରକର ସାତଭଉଣୀଠାରେ ଚାଲିଥିବା ସପ୍ତମାତୃକା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ଢେଙ୍କାନାଳ ପପୁଲାର କ୍ଲବକୁ ହରାଇ ମୟୂରଭଞ୍ଜର ବାରିପଦା ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇଛି। ମ୍ୟାଚ୍ ଅମୀମାଂସିତ ରହିବାରୁ ଟ୍ରାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଢେଙ୍କାନାଳ କ୍ଲବର ଖେଳାଳି ଦୁଇ ଦୁଇଟି ବଲ୍ ପୋଷ୍ଟର ବାହାରକୁ ମାରି ଦେଇଥିଲେ। ବାରିପଦା ସ୍ପୋର୍ଟ୍ସ ହଷ୍ଟେଲ ୫-୪ ସଟ୍‌ରୁ ଗୋଟିଏ ଗୋଲ୍ ବ୍ୟବଧାନରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ରେଫ୍ରୀ ଭାବେ ପ୍ରଶାନ୍ତ କୁମାର ପାଲ ପରିଚାଳନା କରିଥିଲେ। ଭାଜପା ନେତା ଡ. ପ୍ରଦୀପ ନାୟକ ମୁଖ୍ୟଅତିଥି, ବିଦ୍ୟାଧର ସାହୁ, ଜିଲା ପରିଷଦ ସରୋଜ କୁମାର ନାୟକ, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ, ଶିକ୍ଷକ ଅଭିମନ୍ୟୁ ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଭାଷ୍ୟକାର ଭାବେ ଆଦମ୍‌ପୁର ସ୍ପୋର୍ଟ୍ସ ଏକାଡେମୀ ମୁଖ୍ୟ ପ୍ରଶିକ୍ଷକ ମନୋରଞ୍ଜନ ବାରିକ ଦାୟିତ୍ୱ ତୁଲାଇଥିଲେ। ଆଶୁତୋଷ ପରିଡ଼ା ସଂଯୋଜନା କରିଥିଲେ। ଆଲୋକ ପରିଡ଼ା, ପୂର୍ବତନ ଫୁଟବଲ ଖେଳାଳି ମକରଧ୍ୱଜ ପରିଡ଼ା, ବାପୁନ୍ ନାୟକ, ସୁଜିତ ପରିଡ଼ା , ଦୀପକ ବାରିକ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଖେଳାଳିମାନେ।

### ସ୍କୁଲ ଗୃହ ଶିଳାନ୍ୟାସ

**ତିହିଡ଼ି, ୧୧।୧ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ତାଳପଦା ପଞ୍ଚାୟତ ତାଳପଦା ଜେନାସାହି ପ୍ରାଥମିକ ସ୍କୁଲ ନୂତନ ଗୃହର ଶୁକ୍ରବାର ଶିଳାନ୍ୟାସ ହୋଇଯାଇଛି। ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ସର୍ବଶିକ୍ଷା ଅଭିଯାନରେ ୬.୧୫ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ ହେବ ବୋଲି କୁହାଯାଇଥିଲା। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ ଓ କମଳାକାନ୍ତ ଦାସ, କୃପାସିନ୍ଧୁ ଖୁଣ୍ଟିଆ ଓ କରୁଣାକର ତ୍ରିପାଠୀ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ଧୀରେନ୍ଦ୍ର ବେହେରା, ଉପସଭାପତି ଗୀତରାଣୀ ଜେନା, ଶିକ୍ଷକ ଶିବବ୍ରତ ସେଠୀ, ମଞ୍ଜୁରାଣୀ ଚକ୍ରବର୍ତ୍ତୀ, ବିଜୟ କୁମାର ବେହେରା, ରତିକାନ୍ତ ବେହେରା, କୁନ୍ତଳା ଜେନା, ପଦ୍ମନାଭ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଭଣ୍ଡାରିପୋଖରୀ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

**ଭଣ୍ଡାରିପୋଖରୀ, ୧୧।୧ (ଡି.ଏନ.ଏ.)**

ଆସନ୍ତା ୨୨ ତାରିଖରୁ ତିନିଦିନ ବ୍ୟାପି ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଭଣ୍ଡାରିପୋଖରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନରହରି ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଲକ୍ଷ୍ମୀଧର ନାୟକ, ବଦ୍ରିନାରାୟଣ ଧଳ, ସୁବ୍ରତ ଦାସ, ହାସ୍ୟ ଅଭିନେତା ହରିହର ମହାପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣିତକାନ୍ତ ସାମଲ, ରଜନୀକାନ୍ତ ଚନ୍ଦ, ସରପଞ୍ଚ ବିଜୟଶଙ୍କର ମହାନ୍ତି, ପ୍ରଶାନ୍ତ ସାହୁ, ରମାକାନ୍ତ ଲେଙ୍କା, ଶରତ ଚନ୍ଦ୍ର ମହାପାତ୍ର, ଲଳିତ ରାଉତ, ପବନ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଆ ଚିତ୍ର ତାରକା ଓ ଟେଲି ତାରକା ପୁରାତନ ବିଦ୍ୟାର୍ଥୀଙ୍କ ଦ୍ୱାରା ଶରତ ଜେନାଙ୍କ ନିର୍ଦ୍ଦେଶନାରେ ନାଟକ 'ଅ ଠାରୁ କ୍ଷ ପର୍ଯ୍ୟନ୍ତ' ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି।

## ମୟୂରଭଞ୍ଜ

### ଫେରାର ଅଭିଯୁକ୍ତ ଗିରଫ

**ଉଦଳା,୧୧।୧ (ଡି.ଏନ.ଏ.):** ଉଦଳା ଥାନା କୁଅଁରପାଳ ଗ୍ରାମର କର୍ଣ୍ଣ ବିଶ୍ୱାଳ ୧୧ ବର୍ଷ ପୂର୍ବରୁ ଏକ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବାବେଳେ ତାଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। କର୍ଣ୍ଣ ୨୦୦୭ରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରି ଫେରାର ହୋଇଯାଇଥିଲେ। ଏବେ ଗିରଫ ପରେ କର୍ଣ୍ଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଉଦଳା ଥାନା ଆଇଆଇସି କହିଛନ୍ତି।

### ସରକାରୀ ଓକିଲ ଶରଦ ଚନ୍ଦ୍ର ସାମନ୍ତ ସମ୍ମାନିତ



**ବାରିପଦା ଅଫିସ,୧୧।୧:** ମୟୂରଭଞ୍ଜ ଜିଲା ଦୌରାଜଜଙ୍କ କୋର୍ଟରେ କାର୍ଯ୍ୟରତ ଥିବା ସରକାରୀ ଓକିଲ ଶରଦ ଚନ୍ଦ୍ର ସାମନ୍ତ ଶୁକ୍ରବାର କଟକ ଡିଜି ପୋଲିସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସମ୍ମିଳନୀରେ ସମ୍ମାନିତ ହୋଇଛନ୍ତି। ଜିଲା ଦୌରାଜଜଙ୍କ କୋର୍ଟରେ କାର୍ଯ୍ୟରତ ସମୟରେ ତାଙ୍କର ଦକ୍ଷତା ଏବଂ ଖୁବ କମ ଦିନ ମଧ୍ୟରେ ମାମଲାଗୁଡିକୁ ବିଚାରଭୁକ୍ତ କରାଇ ଅଧିକ ଦଣ୍ଡ ପ୍ରଦାନ କରିବାକୁ ନେଇ ଡିଜି ପୋଲିସ ରାଜେନ୍ଦ୍ର ପ୍ରସାଦ ଶର୍ମା ତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ସେଠାରେ ଅନ୍ୟ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।

### ଗାଁ କଲ୍ୟାଣ ସମିତି ବୈଠକ

**ବଡସାହି,୧୧।୧(ସ୍ୱ.ପ୍ର):** ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗାଁ କଲ୍ୟାଣ ସମିତିର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଡାକ୍ତର ସୁକାନ୍ତ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ, ଜିପିଇଓ ପଞ୍ଚାନନ ମହାପାତ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ଦିପ୍ତୀମୟୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ଗାଁ କଲାଣ ସମିତିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି। ସୁସ୍ଥ ଗାଁ ଓ ସୁସ୍ଥ ପଞ୍ଚାୟତ ଗଠନ ପାଇଁ ଜଳ, ପରିମଳ, ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟସେବା ନିତାନ୍ତ ଜରୁରୀ ବୋଲି ଅତିଥିମାନେ କହିଛନ୍ତି। ବିପିଓ କମଳ ଲୋଚନ ରଣା ମଞ୍ଚ ପରିଚାଳନା କରିଥିଲେ।

# ବଡାମ ଲାଗି ଚାଲିଛି ସଜବାଜ

**କପ୍ତିପଦା,୧୧।୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲାର ସବୁଠାରୁ ବଡପର୍ବ ମକରପର୍ବ । ତେଣୁ ପ୍ରତି ଗାଁ ଗାଁରେ ବଡାମ ପୂଜା ପାଇଁ ସଜବାଜ ଆରମ୍ଭ ହୋଇଛି । ବଡାମ ପୂଜା କହିଲେ ବାହୁଣ୍ଡିକୁ ବୁଝାଏ, ଅର୍ଥାତ୍ ମକରର ପୂର୍ବ ଦିନକୁ ବାହୁଣ୍ଡି କୁହାଯାଏ । କେହି କେହି ଏହାକୁ ପୁଷ୍ପାଲି ଛଡା ମଧ କହିଥାନ୍ତି । ଏହାର ଅର୍ଥ ଏହା ଚାଷୀମାନଙ୍କର ବର୍ଷର ଶେଷଦିନ। ଏହି ଦିନ ଘରର ସମସ୍ତ ଲୁଗାପଟା ସଫା କରାଯାଇଥାଏ । ଗ୍ରାମ ଦେବତୀଙ୍କ ନିକଟରେ ବର୍ଷ ସାରା କହୁଥିବା ମିଥ୍ୟା କଥା ଓ ପାପ କର୍ମର କାଳିମାକୁ ଧୋଇବା ପାଇଁ ପୂଜାପାଠ କରାଯାଏ ବୋଲି ଲୋକ କଥା ରହିଛି । ଗ୍ରାମର ଦେହୁରୀ ଘରେ ଘରେ ବୁଲି ଏହି ପୂଜା କରିଥାନ୍ତି। ଶେଷରେ ମେଲାଣି ଛଡାଯାଏ । ଏହାର ଅର୍ଥ ଘରର ଛିଣ୍ଡା ପାଛିଆ, ଟୋକେଇ, ଭଙ୍ଗା ଜୁଆଳି, ଇଶ, କୁଲା ଆଦି ବିଭିନ୍ନ ପ୍ରକାର ଜିନିଷକୁ ଏକ ଦଉଡିରେ ବାନ୍ଧି ଗ୍ରାମର ଶେଷ ମୁଣ୍ଡରେ ପକାଇ ଦିଆଯାଏ । ଏହା ପରେ ପୂଜା କରି ଭୋଗ ନୈବେଦ୍ୟ ଅର୍ପଣ କରି ଗାଁକୁ ଡିଆଁ ରୋଗ ପ୍ରବେଶ ନ କରିବା ଲାଗି ସମସ୍ତେ ମାନସିକ କରିଥାନ୍ତି।

ଏହି ବାହୁଣ୍ଡି ପୂଜା ତିନି ପ୍ରକାରର, ଯଥା ବାହୁଣ୍ଡି ଆଇଁଷ, ବାହୁଣ୍ଡି ବାଜା ଓ ବାହୁଣ୍ଡି ଡାକ । ବାହୁଣ୍ଡି ଆଇଁଷରେ ପୁରୁଣା ବର୍ଷକୁ ମାଛ ଦେଇ ବିଦା କରାଯାଏ। ବାହୁଣ୍ଡି ବାଜାର ଅର୍ଥ ପ୍ରତି ଗ୍ରାମରେ ଢୋଲ ବାଜେ, ଯାହାକି ବିଜୟର ପ୍ରତୀକ। ସେହିପରି ରାତିରେ ଶିଆଳ ଡାକକୁ ବାହୁଣ୍ଡି ଡାକ କୁହାଯାଇଥାଏ । ପ୍ରବାଦ ଅଛି ଶିଆଳ ଡାକିଲେ ଆଗାମୀ ବର୍ଷରେ ଭଲ ଫସଲ ହୋଇଥାଏ । ତେଣୁ ଏହି ଡାକ ଶୁଣିଲେ ଚାଷୀମାନେ ବିହନ ଧାନ ମାପ କରି ରଖନ୍ତି । ଯଦି ସେଦିନ ଶିଆଳ ବଦଳରେ ଅନ୍ୟ ପଶୁ ଡାକ ଛାଡେ ସେହି ବର୍ଷ ଭଲରେ କଟିବ ନାହିଁ ବୋଲି ଲୋକ କଥା ରହିଛି । ଏହି ପ୍ରଥାକୁ ନେଇ ପୋଡାଡିହା ଗ୍ରାମର ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସେଠୀ କହନ୍ତି, ସେଦିନ ବଡି ଭୋରରୁ ସଂକୀର୍ତ୍ତନ ଦଳ ସହିତ ନଦୀକୁ ବୁଡ ପକାଇବାକୁ ଯିବାକୁ ପଡିଥାଏ। ବୁଡ ପକାଇ ସାରି ଶୀତ କଷ୍ଟରୁ ରକ୍ଷା ପାଇବା ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମକରପଲା ଜାଳି ସେକି ହେଲେ ସବୁ ଅପକର୍ମ ନିଆଁରେ ପୋଡି ଥାଏ ବୋଲି ପ୍ରବାଦ ରହିଛି । ସେହିପରି ଟୁସୁ ପୂଜା ନିମନ୍ତେ ମୂର୍ତ୍ତି କିଣା ପାଇଁ ସବୁଠି ଭିଡ ଜମିଛି । ଏହି ପୂଜା କେବଳ କୁଆଁରୀ ଝିଅମାନେ ପାଳନ କରିବାର ଦେଖାଯାଏ। ମୂର୍ତ୍ତିକୁ ହାତରେ ଧରି ଗୀତ ଗାଇ ତାଙ୍କ ସ୍ମୃତିକୁ ମନେ ପକାଇବା ପାଇଁ ସେମାନେ ଗାଁ ଗାଁରେ ବୁଲିଥାନ୍ତି । ଏତଦବାଦ ଏହି ପର୍ବରେ ମୁଖ୍ୟ ଆକର୍ଷଣ ଭାବେ କୁକୁଡା ଲଢେଇ ପ୍ରଶାସନର ଅଙ୍କୁଶ ପରେ ମଧ ବହୁ ସ୍ଥାନରେ ଚାଲିଛି । ପ୍ରଶାସନ କେବଳ ବଡ ବଡ ସ୍ଥାନକୁ କୁକୁଡା ଲଢେଇ ପାଇଁ ବାରଣ କରୁଥିବାବେଳେ ଛୋଟ ଛୋଟ ସ୍ଥାନକୁ ଲୋକଙ୍କ ସୁଅ ଛୁଟୁଛି । ମାତ୍ର କୁକୁଡା ଲଢେଇରେ ଜୁଆ ଖେଳ ଏକ ସାଧାରଣ ଘଟଣା ପାଲଟିଛି। ପୋଲିସ ସବୁ ଜାଣି ମଧ ହାତ ବାନ୍ଧି ବସିଛି । ତେଣୁ ଏହାକୁ ବନ୍ଦ କରିବା ପାଇଁ ସର୍ବସାଧାରଣରେ ଦାବି ହେଉଛି । ଏତଦବାଦ ଏହି ସମୟରେ ସମୀବୃକ୍ଷ, ଟଙ୍ଗରିଆ ଓ ଟାଙ୍କରାଶୁଣୀ ପୀଠରେ ମକର ମେଳା ଧୁମଧାମରେ ପାଳିତ ହେବାକୁ ଥିବାବେଳେ ଗାଁ ମାନଙ୍କରେ ବିଭିନ୍ନ ପ୍ରତିଯୋଗିତା, ଯାତ୍ରା ପରିବେଷଣ, ତାସ୍ ଖେଳ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି।


ଗତବର୍ଷ ଆଦିବାସୀ ଯୁବତୀଙ୍କ ଦ୍ୱାରା ହୋଇଥିବା ଟୁସୁ ମୂର୍ତ୍ତି ବିସର୍ଜନ।

■ମକର ପୂର୍ବଦିନ ହୁଏ ପୂଜାପାଠ

■ଚାଷୀଙ୍କ ବର୍ଷର ଶେଷ ଦିନରେ ଗାଁ ଉତ୍ସବମୁଖର

■ଡିଆଁ ରୋଗ ପ୍ରବେଶ ନ ଲାଗି ହୁଏ ମାନସିକ


କାର୍ଯ୍ୟକ୍ରମରେ ଉପସ୍ଥିତ ଉପବାଚସ୍ପତି, ଜିଲାପାଳ ଓ ଅନ୍ୟମାନେ।

ବାରିପଦା ବ୍ଲକରେ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ

## ୪୭ ପ୍ରକଳ୍ପ ଲାଗି ୨କୋଟି ୭୫ଲକ୍ଷ

**ବାରିପଦା ଅଫିସ,୧୧।୧**

ମୟୂରଭଞ୍ଜ ଜିଲାର ବାରିପଦା ବ୍ଲକରେ ଶୁକ୍ରବାର 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ସ୍ଥାନୀୟ ଷ୍ଟେଶନ ବଜାର ଖେଳପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରି ବାରିପଦା ବ୍ଲକର ୧୦ଟି ପଞ୍ଚାୟତବାସୀଙ୍କ ସହ କଥା ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ବ୍ଲକର ୧୦ଟି ପଞ୍ଚାୟତ ଲାଗି ୨କୋଟି ୭୫ଲକ୍ଷ ଟଙ୍କା ବ୍ୟୟରେ ୪୭ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ସହ ଆମ ଘର ଏଲଇଡି ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ଏଲଇଡି ବଲବ ମଧ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ତଥା ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ସାରସକଣା ବିଧାୟକ ଭାଦବ ହାସଁଦା, ବାଙ୍ଗିରିପୋଷି ବିଧାୟକ ସୁଦାମ ମାର୍ଣ୍ଡି, ଜିଲାପାଳ ବିନିତ ଭରଦ୍ୱାଜ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାର୍ଣ୍ଡି, ବାରିପଦା ବ୍ଲକ ଅଧ୍ୟକ୍ଷା ପାର୍ବତୀ ହେମ୍ବ୍ରମ, ଜିଲାପରିଷଦ ସଭ୍ୟା ସୁକୁମାରୀ ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ।

## 'ଶିକ୍ଷା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା'

**ଉଦଳା, ୧୧।୧ (ଡିଏନଏ)**

ଶିକ୍ଷା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା, ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ପ୍ରତ୍ୟେକ ପାହାଚରେ କିଛି ନା କିଛି ଶିକ୍ଷା ଲାଭ କରିଥାଏ । କିନ୍ତୁ ଶିଶୁର ଆଦ୍ୟ ଜୀବନର ପୂର୍ଣ୍ଣାଙ୍ଗ ଶିକ୍ଷା ଗ୍ରହଣ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ଶିକ୍ଷା ହିଁ ଶାରୀରିକ ଅଭିବୃଦ୍ଧି ସାଙ୍ଗକୁ ମାନସିକ, ବୌଦ୍ଧିକ, ଆଧ୍ୟାତ୍ମିକ, ତାନ୍ତ୍ରିକ ଓ ଭାବନାତ୍ମକ ବିକାଶରେ ସହାୟକ ହୋଇଥାଏ । ପ୍ରକାଶ ଯେ, ଉଦଳା କଲେଜ ରୋଡରେ ଥିବା ଶ୍ରୀମା' ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନର ଦଶମ ବାର୍ଷିକ ଉତ୍ସବ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ତାଙ୍କର ବକ୍ତବ୍ୟ ମାଧ୍ୟମରେ ଏହା କହିଥିଲେ । ଶିକ୍ଷାନୁଷ୍ଠାନର ସଭାପତି ଗୋପୀନାଥ ଶାହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ମଞ୍ଚରେ ଅତିଥି ଭାବେ ବାରିପଦା ଶ୍ରୀ ମା ମହାବିଦ୍ୟାଳୟର ସେବାନିବୃତ୍ତ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଶ୍ରୀଅରବିନ୍ଦ ଟ୍ରଷ୍ଟି ସଦସ୍ୟ ଗଣେଶ୍ୱର ମହାପାତ୍ର, ଶିକ୍ଷାବିତ୍ ସନାତନ ରାଉତ, ଅନୁଷ୍ଠାନର ସମ୍ପାଦିକା ସୁଜାତା ମହାଳିକ ଏହି ସାଂସ୍କୃତିକ ମଞ୍ଚରେ ଉପସ୍ଥିତ ଥିଲେ । ଅଧ୍ୟକ୍ଷା ସନ୍ତୋଷିନୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଉଦଳା,୧୧।୧ (ଡି.ଏନ.ଏ.)**

ଉଦଳା ବ୍ଲକ ଅଧୀନ ଆର୍‌ଡିଏସ୍ ମହାବିଦ୍ୟାଳୟ ଖେଳ ପଡିଆରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବାର୍ଷିକ କ୍ରୀଡାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ଯୋଗଦେଇ ପ୍ରଥମେ ମହାବିଦ୍ୟାଳୟର କ୍ରୀଡା ପତାକା ଉତ୍ତୋଳନ କରିଥିଲେ। କ୍ରୀଡା ଦ୍ୱାରା ଶାରୀରିକ, ମାନସିକ ସ୍ତରରେ ଛାତ୍ରୀଛାତ୍ରଙ୍କ ବିକାଶ ଘଟିଥାଏ ବୋଲି ଅତିଥିମାନେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡା ସଭାପତି ଡ. ଅଜିତ କୁମାର ମହାପାତ୍ର , କ୍ରୀଡା ଶିକ୍ଷକ ଅଜିତ କୁମାର ଜେନା ଉପସ୍ଥିତ ଥିଲେ ।

## ମକରକୁ ଆଉ ୨ ଦିନ: ହାଟରେ ଭିଡ଼

**ଉଦଳା,୧୧।୧ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାର ଗଣପର୍ବ ମକରକୁ ଆଉ ୨ ଦିନ ବାକି ରହିଛି । ଏଥିନିମନ୍ତେ ଶୁକ୍ରବାର କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ସାପ୍ତାହିକ ହାଟରେ ପ୍ରବଳ ଜନସମାଗମ ହୋଇଥିବା ଦେଖିବାକୁ ମିଳିଛି । ରାସ୍ତା ପାର୍ଶ୍ୱରେ ବସିଥିବା ଚୂଡା, ତିଳଉ ବ୍ୟବସାୟୀ, ରେଡିମେଡ୍ ଦୋକାନୀ, ତା ସାଙ୍ଗକୁ କଳସା ଗୁଡ କିଣିବାରେ ସମସ୍ତେ ବ୍ୟସ୍ତ ଥିଲେ। ଭିଡକୁ ଲକ୍ଷ୍ୟ କରି ଉଦଳା ଥାନା ପୋଲିସ୍ ପକ୍ଷରୁ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରିବା ସହିତ ପାଟ୍ରୋଲିଂ ଜାରି ରହିଥିବା ଆଇଆଇସି ସନାତନ ସାହୁ କହିଛନ୍ତି । ଶୁକ୍ରବାର ଏହି ସାପ୍ତାହିକ ହାଟରେ ଭଲ ବ୍ୟବସାୟ ହୋଇଥିବା ବଣିକ ସଂଘର ସଭାପତି ରବିନ୍ଦ୍ର ପରିଡା କହିଛନ୍ତି । ଅନ୍ୟପଟେ ସମସ୍ତ ଗ୍ରାମରେ ମକର ପର୍ବ ପାଇଁ ସମସ୍ତ ସାମଗ୍ରୀ ପ୍ରାୟ ଉପଲବ୍ଧ ଥିବାରୁ ଆଶାନୁରୂପକ ବ୍ଯବସାୟ ହେଉ ନ ଥିବା ବେଳେ ତିଳଉ, ଚୂଡା ଦୋକାନୀ ମନୁ ସାହୁ କହିଛନ୍ତି ।


ଉଦଳା ହାଟରେ ବିଭିନ୍ନ ସାମଗ୍ରୀ କିଣିବାକୁ ଲୋକଙ୍କ ଭିଡ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଜାନୁୟାରୀ ୧୨/୨୦୧୯ Balasore, Saturday, January 12/2019

## ସଂକ୍ଷେପରେ

### ଫେରାର ହତ୍ୟା ଅଭିଯୁକ୍ତ ଗିରଫ

**କପ୍ତିପଦା,୧୧।୧(ଡି.ଏନ.ଏ): ** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଛତ୍ରାନ୍ଧ ଗ୍ରାମରେ ୨୦୧୨ ମସିହାରେ ଏକ ହତ୍ୟା ମାମଲାରେ ଜଡ଼ିତ ଥାଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣକ ହେଲେ ସେହି ଗ୍ରାମର ନାରାୟଣ ସିଂ । ନାରାୟଣ ୨୦୧୨ ମସିହାରେ ଏକ ହତ୍ୟା ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିଲେ। ସେ ଭଦ୍ରକ ବନ୍ତ ଛକରେ ରହି କାମ କରୁଥିବା ଗତ କିଛି ଦିନ ତଳେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ତେଣୁ ତାଙ୍କୁ ଧରିବା ପାଇଁ ଯୋଜନା ମୁତାବକ ଗୁରୁବାର ରାତ୍ରିରେ କପ୍ତିପଦା ଥାନାର ଏକ ଟିମ୍ ବନ୍ତ ଅଞ୍ଚଳକୁ ଯାଇ ଗିରଫ କରିଥିଲା।

### ମଦ ଜବତ: ଜଣେ ଗିରଫ

**ବନ୍ତ,୧୧।୧ (ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ପୁରୁଷଣ୍ଡ କେନାଲବନ୍ଧ ନିକଟରୁ ଗୁରୁବାର ରାତିରେ ପୋଲିସ ୧୫ ବୋତଲ ମଦ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ପୁରୁଷଣ୍ଡ ଗ୍ରାମର ବୃନ୍ଦାବନ ବେହେରା। ଆଗରପଡା ଏଏସ୍ଆଇ ରାମେଶ୍ୱର ସୋରେନ ବୃନ୍ଦାବନଙ୍କଠାରୁ ୧୫ ବୋତଲ ଏମ ସି ଡ୍ରେଲ ନଂ-୧ ମଦ ଜବତ କରିବା ସହ ତାଙ୍କୁ ଥାନାକୁ ନେଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୨/୧୯) ରୁଜୁ ହୋଇ ଶୁକ୍ରବାର ବୃନ୍ଦାବନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

### ୨ ବଖରା ଜଳିଗଲା

**ଭଣ୍ଡାରିପୋଖରୀ, ୧୧।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରଣଜିତ ପଞ୍ଚାୟତ ମଞ୍ଜୁରି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ରଞ୍ଜନ ମଲିକଙ୍କ ୨ବଖରା ରୋଷେଇ ଘର ଜଳିଯାଇଛି। ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ନିଆଁକୁ ଆୟତ୍ତ କରାଯାଇଥିଲା। ବିଦ୍ୟୁତ ଶଟ୍ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

### ଅବକାରୀ ଚଢ଼ାଉ: ୬ ଗିରଫ

**ଖୁଣ୍ଟା, ୧୧।୧ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମହୁଲିମଦ ଜବତ କରାଯାଇ ୨ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମଙ୍ଗଲ ମୁର୍ମୁ , ଗୌରୀ ସିଂ , ଜୟନ୍ତୀ ସିଂ , ଉଡୁଗୁ ମାର୍ଣ୍ଡି ଓ ସୁକୁଲ ସରେନ , ବନମାଳୀ ଟୁଡୁ । ସେମାନଙ୍କ ନିକଟରୁ ମୋଟ ୪୦ ଲିଟର ମହୁଲିମଦ ଜବତ କରାଯାଇଛି ।

# ବାରିପଦାରେ ପୁଣି ମାତିଲେ ଲୁଟେରା

- ଦୋକାନୀଙ୍କ ବ୍ୟାଗରୁ ଲୁଟିନେଲେ ୨ ଲକ୍ଷ
- ପାଲବଣିରେ ୨ ଜଣଙ୍କ ଘରୁ ଚୋରି
- ତଦନ୍ତ ଆଳରେ ଚୁପ୍ ବସିଛି ପୋଲିସ

**ବାରିପଦା ଅଫିସ,୧୧।୧**

ବାରିପଦା ସହରରେ ଗତ ବର୍ଷ ରଥଯାତ୍ରା ସମୟରେ ୫ଟି ଏଟିଏମରୁ ଲୁଟେରାମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ସେମାନଙ୍କୁ ପୋଲିସ ଠାବ କରି ପାରି ନ ଥିବାବେଳେ ସହରରେ ପୁଣି ଲୁଟେରାଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ସେହିପରି ଘର ଘର ବୁଲି ଭିକ ମାଗିବା ବାହାନାରେ ଘରେ ପଶି କଳାକନା ବୁଲାଇବା ଭଳି ଘଟଣା ମଧ ସହରରେ କିଛି ଦିନ ହେବ ଦେଖିବାକୁ ମିଳିଛି। ହେଲେ ସୋସିଆଲ ମିଡିଆରେ ବାହାବା ନେଉଥିବା ଟାଉନ ପୋଲିସ ଏମାନଙ୍କୁ ଧରିବାରେ ବିଫଳ ହୋଇଛି। ଯାହା ପୋଲିସର କାର୍ଯ୍ୟଶୈଳୀ ଓ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ମୁତାବକ ଶୁକ୍ରବାର ସହରର ଜନଗହଳିପୂର୍ଣ୍ଣ ଟ୍ରାଫିକ ଛକ ନିକଟରେ ଥିବା ଏକ ହାର୍ଡୱେର ଦୋକାନରୁ ଲୁଟ ହୋଇଛି। ସକାଳ ପ୍ରାୟ ୮ଟା ବେଳେ ଦୋକାନ ମାଲିକ ପ୍ରଶାନ୍ତ କୁମାର ସାହୁ ଏକ ବ୍ୟାଗରେ ୨ ଲକ୍ଷ ୧୦ ହଜାର ଟଙ୍କା ରଖି ଦୋକାନ ଖୋଲିବାକୁ ଆସିଥିଲେ। ସେ ଦୋକାନ ସଟର ଖୋଲି ପୂଜା କରୁଥିବା ବେଳେ ଏକ ନାଲି ବାଇକ୍‌ରେ ୨ ଜଣ ଯୁବକ ହଠାତ ନିକଟକୁ ଆସି ଟଙ୍କା ଥିବା ବ୍ୟାଗକୁ ଧରି ଦ୍ରୁତ ଗତିରେ ପଳାଇଥିଲେ। ବାରିପଦା ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ କରିଛି। ହେଲେ ଲୁଟେରାଙ୍କ ସନ୍ଧାନ ପାଇ ପାରିନାହିଁ। ଏ ନେଇ ଥାନାରେ ଏକ ମାମଲା(ନଂ ୬/୧୯) ରୁଜୁ ହୋଇଛି। ସେହିପରି ପାଲବଣି (ନିକୋ ପଛ) ଅଞ୍ଚଳରୁ ଦୁଇ ଜଣ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦେବରଞ୍ଜନ ମହାପାତ୍ରଙ୍କ ଘରେ ଜଣେ ମହିଳା ଓ ଜଣେ ଶିଶୁ ପଶି ଏକ ଦାମୀ ମୋବାଇଲ ଚୋରି କରି ନେଇଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସ୍ଥାନୀୟ ଲୋକେ ଜଣେ ଶିଶୁଙ୍କୁ ଉଦ୍ଧାର କରି ପୋଲିସ ହେପାଜତରେ ଦେଇଛନ୍ତି। ଅନ୍ୟପକ୍ଷରେ ଦେବରଞ୍ଜନଙ୍କ ପଡୋଶୀ ବାସନ୍ତି କରଙ୍କ ଘରୁ ମଧ ସୁନାଚୁଡି ଚୋରି ହୋଇଛି। ଉଭୟ ଦେବରଞ୍ଜନ ଓ ବାସନ୍ତି ବାରିପଦା ଟାଉନ ଥାନାର ଦ୍ୱାରସ୍ଥ ହୋଇ ପୋଲିସକୁ ସିସିଟିଭିର ଫୁଟେଜ ପ୍ରଦାନ କରିଛନ୍ତି। ଉପରୋକ୍ତ ଘଟଣାଗୁଡିକ ସମ୍ପର୍କରେ ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ ସହିତ ଆଲୋଚନା କରିବାରୁ ଲୁଟେରାମାନଙ୍କୁ ଧରିବା ପାଇଁ ସମ୍ପୃକ୍ତ ହାର୍ଡୱେର ଦୋକାନ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡିକୁ ଯାଞ୍ଚ କରାଯାଉଛି ବୋଲି କହିଛନ୍ତି। ସେହିପରି ପାଲବଣି ଘଟଣାରେ ସମ୍ପୃକ୍ତ ଶିଶୁ ଓ ଜଣେ ମହିଳାଙ୍କୁ ପୋଲିସ ଅଟକ ରଖିଛି। ହେଲେ ଅଭିଯୋଗକାରୀ ଦେଇଥିବା ସିସିଟିଭି ଫୁଟେଜ ଏବଂ ଅଟକ ରହିଥିବା ମହିଳା ଓ ଶିଶୁଙ୍କ ମଧ୍ୟରେ ମେଳ ଖାଉ ନାହିଁ। ସେହିପରି ବିଭିନ୍ନ ସ୍ଥାନରେ ଯାଯାବର ଶ୍ରେଣୀର ଲୋକେ ଆସି ବାରିପଦାରେ ରହିଛନ୍ତି। ସେମାନଙ୍କୁ ସହରରୁ ବାହାରକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ମଧ ଥାନା ଅଧିକାରୀ ନାୟକ କହିଛନ୍ତି।

# ଜଳ ଆୟୋଗ ଅଧିକାରୀଙ୍କ ଆଖୁଆପଦା ଆନିକଟ ପରିଦର୍ଶନ



ଜଳ ଆୟୋଗ ଅଧିକାରୀମାନେ ବୈତରଣୀ ନଦୀ ବୁଲି ଦେଖୁଛନ୍ତି।

**ଭଣ୍ଡାରିପୋଖରୀ, ୧୧।୧ (ଡି.ଏନ.ଏ.)**

କେନ୍ଦ୍ରୀୟ ଜଳ ଆୟୋଗ ଅଧିକାରୀ ଗୌତମ କୁମାର ଶୁକ୍ରବାର ଅପରାହ୍ନରେ ଆସି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦାସ୍ଥିତ ବୈତରଣୀ ନଦୀ ଆନିକଟ ପରିଦର୍ଶନ କରିଛନ୍ତି। ଜଳ ଆୟୋଗ ଅଧିକାରୀ ଓ ସହ ବିଭାଗୀୟ ଅଧିକାରୀମାନେ ଆନିକଟ ପରିଦର୍ଶନ କରି ବୈତରଣୀ ନଦୀ ଜଳ ପ୍ରବାହ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବୈତରଣୀ ଜଳ କେତେ ପରିମାଣର ପ୍ରବାହ ହେଉଛି, କେତେ ପରିମାଣର ଜଳ ସ୍ୱଚ୍ଛ ଅଛି ସେନେଇ ବିଚାର ବିମର୍ଷ କରିଥିଲେ। ଜଳ ଆୟୋଗ କର୍ମଚାରୀ ବିପିନ ପେରେଇ, ମନୋରଞ୍ଜନ ଚକ୍ରବର୍ତ୍ତୀଙ୍କଠାରୁ ସେମାନେ ଆଖୁଆପଦା ଆନିକଟ ଓ ବୈତରଣୀ ନଦୀ ଜଳ ପ୍ରବାହ ସମ୍ପର୍କରେ ପୁଙ୍ଖାନୁପଙ୍ଖ ବୁଝିଥିଲେ।

■ କିକ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ଉପବିଜେତା

# ମିଳିଲା ୧୦ ସ୍ୱର୍ଣ୍ଣ, ୧ କାଂସ୍ୟ ପଦକ



ଯୋଡ଼ା କିକ୍ ବକ୍ସିଂ ଖେଳାଳିମାନେ।

**ଯୋଡ଼ା, ୧୧।୧(ଡି.ଏନ.ଏ.)**

ପଶ୍ଚିମବଙ୍ଗ ରାଜ୍ୟର ଜଲପାଇଗୁରି ରାଧାବାଡିଠାରେ ବିଏସଏଫ୍ କ୍ୟାମ୍ପସରେ ଆୟୋଜିତ ପ୍ରଥମ ଜାତୀୟ ବିଦ୍ୟାଳୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ଉପବିଜେତା ହୋଇଛି। ଏ ନେଇ ଓଡ଼ିଶାକୁ ୧୦ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ମିଳିଛି। ଜାନୁଆରୀ ୬ରୁ ୧୦ ମଧ୍ୟରେ ଆୟୋଜିତ ଚାମ୍ପିୟନଶିପ୍‌ରେ କେନ୍ଦୁଝର ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୦ ଖେଳାଳୀ ଅଂଶ ଗ୍ରହଣ କରିଥିଲେ।

ବଡବିଲ୍ ସରକାରୀ ନୋଡାଲ ୟୁ.ପି ସ୍କୁଲର ରାଜକୁମାର ମୁଣ୍ଡା, ବାବୁଲୁ ମୁଣ୍ଡା, ଗୁରୁଚରଣ ମୁଣ୍ଡା, ଦେଓଝରସ୍ଥିତ ଧବଳେଶ୍ୱର ହାଇସ୍କୁଲର ସୁମିତ୍ରା ମୁଣ୍ଡା, ଯଶୋଦା ପୂର୍ତ୍ତି, ମୁକ୍ତା ମୁଣ୍ଡା, ବଡବିଲ୍‌ସ୍ଥିତ ମ୍ୟୁନିସ୍‌ପାଲ ହାଇସ୍କୁଲର ସଞ୍ଜୀବ୍ ନାଏକ, ବାପୀ ଚାଟାର୍ଜୀ, ଯୋଡ଼ା ମହିଳା ମହାବିଦ୍ୟାଳୟର ମଞ୍ଜୁ ମୁଣ୍ଡା, ବଡବିଲ୍ ଓପି ଜିନ୍ଦଲ ସ୍କୁଲର ଶ୍ୱେତାରାଣୀ ମହାନ୍ତ ଚାମ୍ପିୟନଶିପ୍‌ରେ ପ୍ରଥମ ରନର୍ସଅପ ଟ୍ରଫି ହାସଲ କରିଛନ୍ତି ବୋଲି କୋଚ୍ ପଙ୍କଜ କୁମାର ମହାନ୍ତ ସୂଚନା ଦେଇଛନ୍ତି।

# ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଚୋରି

**ବନ୍ତ, ୧୧।୧ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଆଗରପଡା ଥାନା ଅଧୀନ ଧାନଘର ଛକରେ ଗୁରୁବାର ବିଳମ୍ବିତ ରାତିରେ ଅପେରା ଚାଲୁଥିବାବେଳେ ଉକ୍ତ ଗ୍ରାମର ଦେବେନ୍ଦ୍ର କୁମାର ଦାସଙ୍କ ଘରୁ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

ଦେବେନ୍ଦ୍ରଙ୍କ ସପରିବାର ଘରେ ତାଲା ପକାଇ ଗାଁ ଛକରେ ଚାଲିଥିବା ଅପେରା ଦେଖିବାକୁ ଯାଇଥିଲେ। ଭୋର ୩ଟା ସମୟରେ ଦେବେନ୍ଦ୍ର ଘରକୁ ଆସି ମୁଖ୍ୟ ଫାଟକରେ ପଡ଼ିଥିବା ତାଲା ଭଙ୍ଗାଯାଇ ଟଙ୍କା ଓ ସୁନା ଚୋରି ହୋଇଥିବା ଦେଖିଥିଲେ। ନଗଦ ୧ ଲକ୍ଷ ୫ ହଜାର ଟଙ୍କା ଓ ଝିଅ ବାହାଘର ପାଇଁ ରଖିଥିବା ୫ଟି ସୁନାହାର, ୬ ହଳ କାନଫୁଲ ସମେତ ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଆଗରପଡା ଥାନା ଏଏସ୍ଆଇ ମାନସ ବିଶ୍ୱାଳ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମଧ୍ୟାହ୍ନରେ ଭଦ୍ରକରୁ ସାଇଣ୍ଟିଫିକ୍ ଟିମ୍ ଓ ବାରିପଦାରୁ ଡଗ୍ ସ୍କ୍ୱାର୍ଡ ଟିମ୍ ସନ୍ଧାନୀ କୁକୁର ନେଇ ଚୋରଙ୍କୁ ପତ୍ତା କରିବା ଲାଗି ତଦନ୍ତ ଜୋର୍‌ଦାର ହୋଇଥିବା ପୋଲିସ କହିଛି।

# ନେସ୍କୋ ଷ୍ଟୋର୍‌ରୁ ଚୋରି ମାମଲା:୪ ଗିରଫ

**ବାଲେଶ୍ୱର ଅଫିସ,୧୧।୧**

ବାଲେଶ୍ୱର ବାଲିଆସ୍ଥିତ ନେସ୍କୋ ଇଲେକ୍ଟ୍ରିକାଲ ଡିଭିଜନ୍‌ର ଷ୍ଟୋରରୁ ଲକ୍ଷାଧିକ ଟଙ୍କାର ବଳକା ସାମଗ୍ରୀ ଚୋରି ହୋଇଥିବା ନେଇ ନିର୍ବାହୀଯନ୍ତ୍ରୀ ଅନନ୍ତ ନାରାୟଣ ବିଶୋଇ ୨୦୧୮ ନଭେମ୍ବର ୧୪ ତାରିଖରେ ସହଦେବଖୁଣ୍ଟା ମଡ଼େଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା(ନଂ.୩୧୧/୧୮) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଏହି ଘଟଣାରେ ଶୁକ୍ରବାର ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

୨୦୧୮ ମସିହା ସେପ୍ଟେମ୍ବରଠାରୁ ନଭେମ୍ବର ପର୍ଯ୍ୟନ୍ତ ଜିଲାର ଇଲେକ୍ଟ୍ରି ବିଭାଗର ବଳକା ଏବଂ ଅଦରକାରୀ ସାମଗ୍ରୀ (ସ୍କ୍ରାପ) ଆଲୁମିନିୟମ୍, ତମ୍ବା ତାର, ଲୁହା ଏବଂ ଇଲେକ୍ଟ୍ରିରେ ବ୍ୟବହୃତ ହେଉଥିବା ବିଭିନ୍ନ ବଳକା ଗଚ୍ଛିତ ସାମଗ୍ରୀର ଟେଣ୍ଡର କରାଯାଇଥିଲା। ଟେଣ୍ଡର ସମୟରେ ସମସ୍ତ ସାମଗ୍ରୀ ଷ୍ଟୋର୍‌ରୁମ୍‌ରେ ଗଚ୍ଛିତ ଥିଲା। ଟେଣ୍ଡର ସରିବା ପରେ କିଛିଦିନ ଭିତରେ ଗଚ୍ଛିତ ସାମଗ୍ରୀରୁ କିଛି ଚୋରି ହୋଇଥିବା ଜଣାପଡ଼ିଥିଲା। ଇଲେକ୍ଟ୍ରି ବିଭାଗର ଭିଜିଲାନ୍ସ ଟିମ୍ ଏହାର ତଦନ୍ତ କରି ସତ୍ୟାସତ୍ୟ ଜାଣିବା ପରେ ସମ୍ପୃକ୍ତ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଏନେଇ ବାଲେଶ୍ୱର ଡିଭିଜନ୍‌ର ନିର୍ବାହୀଯନ୍ତ୍ରୀ ବିଶୋଇ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜ୍ ଓଂ ସମସ୍ତ ପ୍ରମାଣ ପାଇବା ପରେ ବାଲେଶ୍ୱର ଡିଭିଜନ୍‌ର ତତ୍କାଳୀନ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଚିତ୍ତରଞ୍ଜନ ମିସ୍ତ୍ରୀ, ଷ୍ଟୋର୍‌କିପରି ସତ୍ୟବ୍ରତ ଦାସ, ରାଜେନ୍ଦ୍ର କୁମାର ଖିଲାର ଓ ସିକ୍ୟୁରିଟି ତପନ କୁମାର ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ସହଦେବଖୁଣ୍ଟା ଥାନା ଆଇଆଇସି ଶୁଭ୍ରାଂଶୁ ନାୟକ କହିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ବଡ଼ବିଲ, ୧୧।୧(ସ୍ୱ.ପ୍ର.)**

ଯୋଡା ବ୍ଲକ ତଥା ରୁଗୁଡି ଥାନା ଅଞ୍ଚଳରେ ଜଣେ ୭ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ରୁଗୁଡି ଥାନା ଗୁଆଲି ପଞ୍ଚାୟତ ନଦୀଡିହୀ ଗ୍ରାମର। ଗତ ବୁଧବାର ରାତିରେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ଗୁରୁବାର ରୁଗୁଡି ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ୪ ପୋକସୋ ଆକ୍ଟରେ ବଡବିଲ ଜେଏମ୍ଏଫସି କୋର୍ଟଙ୍କ ବିଚାରଧୀନ ଯୋଗ୍ୟ ନ ଥିବାରୁ ଅଭିଯୁକ୍ତଙ୍କୁ କେନ୍ଦୁଝରସ୍ଥିତ ରେଜଷ୍ଟ୍ରାର କମ୍ ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ଏଣ୍ଡ୍ ଜୁଭେନାଇଲ ଜଷ୍ଟିସ୍ ବୋର୍ଡଙ୍କ କୋର୍ଟରେ ହାଜର କରାଯିବାକୁ ପଠାଯାଇଥିବା ଜଣାପଡିଛି।




# ଫେରିଘାଟ ନିଲାମ ବାତିଲକୁ ନେଇ ଉତ୍ତେଜନା

**ଚାନ୍ଦବାଲି, ୧୧।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମନ୍ତେଇ ନଦୀର ବାଲିଆପାଳ ଫେରିଘାଟ ନିଲାମ ବାତିଲକୁ ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଉତ୍ତେଜନା ସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ବାଲିଆପାଳ ଘାଟର ଗୋଟିଏ ପାର୍ଶ୍ୱରେ ଚାନ୍ଦବାଲି ବ୍ଲକର ବଜରାପୁର ପଞ୍ଚାୟତ ଥିବାବେଳେ ଅପରପାର୍ଶ୍ୱରେ ବାସୁଦେବପୁର ବ୍ଲକ ରହିଛି। ଜାନୁୟାରୀ ପହିଲାରୁ ଗୋଟିଏ ବର୍ଷ ବାସୁଦେବପୁର ଓ ଅନ୍ୟବର୍ଷ ଚାନ୍ଦବାଲି ତହସିଲ ପକ୍ଷରୁ ଭାଗ କରି ନିଲାମ ହୋଇଥାଏ।

ଚଳିତବର୍ଷ ଏହା ଚାନ୍ଦବାଲି ବ୍ଲକ ଭାଗରେ ପଡ଼ିଛି। ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଘାଟ ନିଲାମ ହେବାକୁ ଧାର୍ଯ୍ୟ କରାଯାଇଥିଲା। ବଜରାପୁର ପଞ୍ଚାୟତର ଦୁଇ ଆଶାୟୀ ପକ୍ଷ ନିଲାମ ଡାକିବାକୁ ଉପସ୍ଥିତ ହୋଇଥିଲେ ମଧ ଗୋଟିଏ ପକ୍ଷ ନିକଟରେ ଆବଶ୍ୟକ କାଗଜପତ୍ର ନ ଥିବା ଜଣାପଡ଼ିଥିଲା। ସେହି ପକ୍ଷ ନିଲାମ ପ୍ରକ୍ରିୟାରୁ ବାଦ୍ ପଡ଼ିବାରୁ କେବଳ ଗୋଟିଏ ପକ୍ଷ ନିଲାମରେ ଭାଗ ନେବାକୁ ଯୋଗ୍ୟ ହୋଇଥିଲେ। ଏକକ ନିଲାମଧାରୀ ହେତୁ ଏହି ନିଲାମକୁ ବାତିଲ୍ କରି ଅନ୍ୟ ଏକ ତାରିଖରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ନେଇ କାର୍ଯ୍ୟାଳୟ ପରିସରରେ ଦୁଇ ଆଶାୟୀ ନିଲାମଧାରୀଙ୍କ ସମର୍ଥକଙ୍କ ମଧ୍ୟରେ ବଚସା ଓ ଠେଲାପେଲା ହୋଇଥିଲା। ଏଥିରେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଫସି ରହିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ପକ୍ଷଙ୍କୁ ବୁଝାଶୁଝା କରିଥିଲା। ଘାଟ ନିଲାମ ଲାଗି ଅନ୍ୟ ଏକ ତାରିଖ ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ହେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

■ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ

# ସେମିରେ ଖୋର୍ଦ୍ଧା ଆଲିଆନା

**ବାସୁଦେବପୁର, ୧୧।୧ (ଡି.ଏନ.ଏ.)**

ବାସୁଦେବପୁର ଶୁଙ୍ଗୁଡାସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩୨ତମ ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚ୍‌ରେ ଖୋର୍ଦ୍ଧା ଆଲିଆନା ଏକାଡେମୀ ବିଜୟୀ ହୋଇଛି। ଆଲିଆନା ଏକାଡେମୀ ଓ ଜଳେଶ୍ୱର ଏମ୍‌ବିସି ରାଜଘାଟ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଅମୀମାଂସିତ ଭାବେ ଖେଳ ଶେଷ ହୋଇଥିଲା। ଟ୍ରାଇବ୍ରେକର ଜରିଆରେ ୫-୪ ଗୋଲ୍‌ରେ ଆଲିଆନା କ୍ଲବ ବିଜୟଲାଭ କରି ସେମିଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବେ ତ୍ୟାଗଭୂମି ସଭାପତି ଅଜୟ କୁମାର ନାୟକ ଓ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତି ଯୋଗ ଦେଇଥିଲେ। ଶ୍ରୀଗଣେଶ କ୍ଲବ ସଭାପତି ଗୌରାଙ୍ଗ ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଅତିଥିଙ୍କ ସହିତ ଖେଳାଳିଙ୍କ ପରିଚୟ କରାଇଥିଲେ।



BHUBHANESHWAR: 1st Floor, SCR Plot No.26, Bapuji Nagar, Janapath. Ph: 0674-2597190 93370 3866 / 94371 67283 | SAMBALPUR: Plot No.2572 (G+1st Floor), Golebazar, Near Pirbaba Chowk & Bhubaneshwari Temple. Ph: 0663-2532121/ 93370 04051 / 98615 84713
ANGUL: Beside Hotel Prasanthi, NH-55, Turang. Ph: 78539 25775 / 99370 68960
For franchise enquiries contact: 9337038666 / 9437167283



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଜୁଆ ଆଡ୍ଡାରେ କୁକୁଡ଼ା ଲଢ଼େଇ

**ରାଇସୁଆଁ, ୧୧।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ମୁକୁନା, ରଙ୍ଗମରା, ଜନାର୍ଦ୍ଦନପୁର , ଶଙ୍କିର, ନୂଆଗାଁ ବେଲଦା ହାଟରେ ଜୁଆ ଖେଳ ହେଉଥିବା ଅଭିଯୋଗ ହେଉଛି। ଜୁଆ ଆଡ୍ଡାରେ କୁକୁଡ଼ା ଲଢ଼େଇ ହେଉଥିବା ମଧ ଦେଖିବାକୁ ମିଳୁଛି। ହାଟରେ ବହୁ ଗରିବ ଆଦିବାସୀ ଲୋକ ବିଭିନ୍ନ ପ୍ରକାରର ଜଙ୍ଗଲି ଜାତ ଦ୍ରବ୍ୟ ବିକ୍ରି କରି ଚଳୁଛନ୍ତି। ହାଟରେ ନିୟମିତ ଭାବେ ଅବାଧ ମଦ, କୁକୁଡା ଲଢେଇ ଓ ଜୁଆଖେଳ ହେଉଥିବା କେତେକ ବ୍ୟବସାୟୀ ଅଭିଯୋଗ କରିଛନ୍ତି। କେତେକ ଅସାମାଜିକ ଲୋକ ହାଟରେ ଗଣ୍ଡଗୋଳ କରୁଛନ୍ତି। ଏ ନେଇ ଜିଲା ପ୍ରଶାସନ ଏବଂ ସଦର ପୋଲିସ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ମା’ବାପ ଛେଉଣ୍ଡ ହୋଇଗଲେ ୩ ଶିଶୁ

**ପାଟଣା, ୧୧।୧(ସ୍ୱ.ପ୍ର.):** ପାଟଣା ଥାନା ବଡ଼ବିଲ ପଞ୍ଚାୟତ ଟଭାସରୁଆ ଗ୍ରାମ ଖୁଞ୍ଚିବେଡା ସାହିର ଜଣେ ବିଧବା ମହିଳା ଗୁରୁବାର କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ସ୍ୱର୍ଗତ ଅନାମ ନାଏକଙ୍କ ସ୍ତ୍ରୀ ସଂଯୁକ୍ତା। ସଂଯୁକ୍ତାଙ୍କ ସ୍ୱାମୀଙ୍କ ୨ ମାସ ପୂର୍ବେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ମାନସିକ ଚିନ୍ତାରେ ରହୁଥିଲେ। ମୃତ ଦମ୍ପତିଙ୍କ ୩ ଶିଶୁ ଅଛନ୍ତି। ମା’ବାପଙ୍କୁ ହରାଇ ଶିଶୁମାନେ ଅନାଥ ହୋଇଯାଇଛନ୍ତି। ସେମାନଙ୍କୁ ଥଇଥାନ ପାଇଁ ପ୍ରଶାସନ ସହାୟତାର ହାତ ବଢାଇବାକୁ ଦାବି ହେଉଛି। ପାଟଣା ଥାନା ଏଏସ ଆଇ ଅଶୋକ କୁମାର ନାଏକ ଏକ ଅପମୃତ୍ୟୁ ମାମଲା ରୁଜୁକରିଛନ୍ତି।

### ୬ ଛେଳି ଜୀବନ୍ତ ଦଗ୍ଧ

**ତେଲକୋଇ, ୧୧।୧(ଡି.ଏନ.ଏ.):** ତେଲକୋଇ ଥାନା ଅନ୍ତର୍ଗତ ଶିବନାରାୟଣପୁର ଗୋଡା ପଞ୍ଚାୟତ ବେତଖୁଲି ଗ୍ରାମରେ ଗୁରୁବାର ସକାଳେ ଘର ପୋଡ଼ିରେ ୬ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ବୁଧରୁ ମୁଣ୍ଡାଙ୍କ ଛଣ ଛପର ଘରେ ଅଗ୍ନିକାଣ୍ଡ ହୋଇଥିଲା। ଅଗ୍ନିକାଣ୍ଡ ଉକ୍ତ ଘରେ ଥିବା ସମସ୍ତ ଛେଳି ରହିଥିଲେ। ଖବର ପାଇ ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିପନ୍ନ ପରିବାରବର୍ଗଙ୍କୁ ଆବଶ୍ୟକ ସହାୟତା ଦେବା ପାଇଁ ସ୍ଥାନୀୟ ତହସିଲଦାର ଓ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

### ଖବରଦାତାଙ୍କ ମାତୃ ବିୟୋଗ

**ହାଟଡିହୀ, ୧୧।୧**-ହାଟଡିହୀ ବ୍ଲକ ଜଳକଳଙ୍କ ଗ୍ରାମର ସ୍ୱର୍ଗତ କୀର୍ତ୍ତନ ବିହାରୀ ଜେନାଙ୍କ ଧର୍ମପତ୍ନୀ ଶାନ୍ତିଲତାଙ୍କର ୮୪ ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଯାଇଛି। ସେ ଜଣେ ମେଳାପୀ, ପରୋପକାରୀ ଓ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଖବରଦାତା ବିଜୟଙ୍କ ସମେତ ଗୋପାଳ, ଶଙ୍କର୍ଷଣ, ବୁଦ୍ଧଦେବ, ଅଜୟ, ଝିଅ ସତ୍ୟଭାମା, ତିଲୋତ୍ତମା, ଅନୁପମା, ନିରୁପମା, ସମସ୍ତ ପରିବାର ଲୋକ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ସରପଞ୍ଚ ଅନସୂୟା ସେଠୀ, ସାମାଜିକ କର୍ମୀ କଳ୍ପତରୁ ସେଠୀ, ଏବିଇଓ ତପୋଧନ ସାଇଁ, ଧନେଶ୍ୱର ଖଣ୍ଡେଇ, ସୁରେଶ ଜେନା, ଭଗବାନ ନାୟକ, ସଦାଶିବ ଚକ୍ର, ବେଣୁଧର ସା, ନିରାକାର ପାତ୍ର, ସୁଦାମ ରଣା, ସୁବ୍ରତ ପଟ୍ଟନାୟକ, ଅଭିମନ୍ୟୁ ଭୂୟାଁ, କ୍ଷୀରୋଦ ରାଉତ, ବିଶ୍ୱମ୍ଭର ନାୟକ, ଅରୁପାନନ୍ଦ ନାୟକ, ବସନ୍ତ ମଲ୍ଲିକ, ଯୁଗଳ ଭୂୟାଁ, କହ୍ନେଇ ଓଝା, କାହ୍ନୁ ଭୂୟାଁ, ବାବାଜି ଚରଣ ଜେନା, କୋଦଣ୍ଡ ବେହେରା, ଆନନ୍ଦ ବେହେରା ପ୍ରମୁଖ ବହୁ ମାନ୍ୟଗଣ୍ୟ ଲୋକ ଶୋକ ପ୍ରକାଶ କରିଛନ୍ତି। ମରଶରୀରକୁ ଗ୍ରାମ ପରିକ୍ରମା କରି ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା

# ଲୋକ ପ୍ରତିନିଧିଙ୍କୁ ଅଣଦେଖା

**କେନ୍ଦୁଝର, ୧୧।୧(ସ୍ୱ.ପ୍ର.)**



ଅଭିଯୋଗ କରିବାକୁ ଆସିଥିବା ୱାର୍ଡ ମେମ୍ବର।

■ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

■ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା

ସଦର ବ୍ଲକ ମଇଦାନକେଲ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଚି। ଏ ନେଇ ୱାର୍ଡ କେତେକ ସଭ୍ୟ ଶୁକ୍ରବାର ଡିଆରଡିଏ ପ୍ରକଳ୍ପ ପ୍ରଶାସକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରି ବିଭିନ୍ନ ସ୍କିମ ଓ କାମ ବିଷୟରେ ଅବଗତ କରୁ ନ ଥିବା ଅଭିଯୋଗ ହୋଇଛି। ପ୍ରତି ମାସ ବୈଠକ ନ କରି ୩ରୁ ୪ ମାସରେ ଥରେ ବୈଠକ ହେଉଛି। ରିଜଲ୍ୟୁଶନ ବହିରେ କିଛି ଲେଖା ନ ଯାଇ ସଦସ୍ୟଙ୍କୁ ଦସ୍ତଖତ କରିବାକୁ କୁହାଯାଉଛି। ଦସ୍ତଖତ ନ କଲେ ଧମକଚମକ ଦିଆଯାଉଛି। ବିଭିନ୍ନ ସରକାରୀ ଯୋଜନା ଓ ଅନୁଦାନ ସମ୍ପର୍କରେ ସଦସ୍ୟଙ୍କୁ ଅବଗତ କରାଯାଉନି। ସରକାରୀ ଚିଠି ସମ୍ପର୍କରେ ସମସ୍ତଙ୍କୁ ଜଣାଯାଉନି। ପଞ୍ଚାୟତର କେତେକ ମୁଷ୍ଟିମେୟ ଯୁବକଙ୍କ ଜରିଆରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମଗ୍ରୀ ବଣ୍ଟନ କରାଯାଉଛି। ବଣ୍ଟନ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ହୋଇଆସୁଛି ବୋଲି ମମତା ମହାପାତ୍ର, ଦୌପଦୀ ମହାନ୍ତ, ମୀନାକ୍ଷୀ ମୁଣ୍ଡା, ପ୍ରତାପ ନାଏକ, ମୁଳା ପାତ୍ର, ମିନାଖି ମହାନ୍ତ, ଗଙ୍ଗାଧର ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏକ ଅଭିଯୋଗ ପତ୍ରର କପି ସରକାରଙ୍କ ପଞ୍ଚାୟତରାଜ ବିଭାଗକୁ ପ୍ରଦାନ କରାଯାଇଛି।

ପ୍ରକଳ୍ପ ଚୟନ ସମ୍ବନ୍ଧରେ ସୂଚନା ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଗୃହ ସାଜସଜା କରାଯାଉଥିଲେ ହେଁ କେଉଁ ଫଣ୍ଡରୁ ଖର୍ଚ୍ଚ ହେଉଛି ଏବଂ କେତେ ଖର୍ଚ୍ଚ ହେଉଛି ତାହାର ସୂଚନା ଦିଆଯାଉନି। ଏ ନେଇ ଜବାବ ମାଗିଲେ ଅସଦାଚରଣ କରାଯାଉଥିବା ଅଭିଯୋଗ ହୋଇଛି। ଯୋଗ୍ୟ ବିଧବା ଓ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ମିଳୁନି। ୱାର୍ଡମେମ୍ବରଙ୍କୁ ନ ପଚାରି ହିତାଧିକାରୀ ଚିହ୍ନଟ କରାଯାଇଛି। ପକ୍କା ଘର ଓ ପିଏମଏଜିୱାଇ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ଏ ନେଇ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ ମହାନ୍ତଙ୍କୁ ପଚାରିବାରୁ କୌଣସି ଅବହେଳା ବା ଅଣଦେଖା କରାଯାଇନି। ଦୁର୍ନୀତି ହୋଇଥିଲେ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି।

■ ଜମିକୁ ମାଡ଼ିପାରୁନି ପାଣି

# ପୋଡ଼ିଗଲା ଟ୍ରାନ୍ସଫର୍ମର

**ଚମ୍ପୁଆ, ୧୧।୧(ଡି.ଏନ.ଏ.)**

ଚମ୍ପୁଆ ଏନଏସି ଅନ୍ତର୍ଗତ ଗୋଧୂଳି ଗ୍ରାମରେ ଥିବା ଉଠା ଜଳ ସେଚନ ପଏଣ୍ଟ(୨) ଅଚଳ ହୋଇପଡ଼ିଛି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗତ ୨୦୧୮ ସେପ୍ଟେମ୍ବରରୁ ବିଜୁଳି ମାରିବାରୁ ପୋଡ଼ି ଯାଇଛି। ଅଦ୍ୟାବଧି ତାହା ମରାମତି କରାଯାଇନି। ଚାଷୀଙ୍କ ଚାଷ ଜମିକୁ ପାଣି ମାଡ଼ି ପାରୁନି। ଉକ୍ତ ଉଠା ଜଳସେଚନ ପ୍ରକଳ୍ପ ୨ର ସହାୟତାରେ ପ୍ରାୟ ୫ରୁ ଊର୍ଦ୍ଧ୍ୱ ଏକର ପାଣି ମଡାଯାଇ ଚାଷ କରାଯାଉଥିଲା। ଟ୍ରାନ୍ସଫର୍ମର ନଷ୍ଟ ହୋଇଯାଇଥିବାରୁ ଚାଷୀ ଚିନ୍ତାରେ ରହିଛନ୍ତି। ଚାଷୀ ଏ ନେଇ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ସହକାରୀ ଯନ୍ତ୍ରୀ ସମୟ ଗଡାଉଥିବା ବେଳେ ଚାଷୀ ନିର୍ବାହୀ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ସୂଚନା ଦେବାରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି। ଚାଷୀ ବର୍ତ୍ତମାନ ନିରୁପାୟ ହୋଇଯାଇଛନ୍ତି। ଏ ନେଇ ସହକାରୀ ଯନ୍ତ୍ରୀ ହଳଧର ସେନାପତିଙ୍କୁ ଯୋଗାଯୋଗ କରିବାରୁ ପଦକ୍ଷେପ ନିଆଯାଇଛି। ଟ୍ରାନ୍ସଫର୍ମର ରିଲିଜ ହୋଇ ସାରିଛି। ଚମ୍ପୁଆ ପହଞ୍ଚି ନ ଥିବାରୁ ଅସୁବିଧା ହୋଇଛି ବୋଲି ସେ କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ଇଶ୍ୱର ନାଏକ, ବିଶ୍ୱନାଥ ନାଏକ, ସୁନିଲ ନାଏକ, ଯୁଧୀଷ୍ଠିର ନାଏକ, ନବୀନା ନାଏକ ପ୍ରମୁଖ ଦାବି କରିଛନ୍ତି।

# କାର୍ଯ୍ୟକ୍ଷମ ହୋଇପାରୁନି ସୁବିଧା କେନ୍ଦ୍ର

**କେନ୍ଦୁଝର, ୧୧।୧(ସ୍ୱ.ପ୍ର.)**

■ହଇରାଣ ହେଉଛନ୍ତି ପର୍ଯ୍ୟଟକ

■ଖୋଲାରେ ମଳତ୍ୟାଗରୁ ପରିବେଶ ପ୍ରଦୂଷିତ

ରାଜ୍ୟ ପ୍ରସିଦ୍ଧ ସାନଘାଗରା ଜଳପ୍ରପାତ ପରିସରରେ ଥିବା ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସର୍ବସାଧାରଣ ସୁବିଧା କେନ୍ଦ୍ର ଲୋକଙ୍କ କାମରେ ଆସିପାରୁନି। ପର୍ଯ୍ୟଟନ ଋତୁ ଶେଷ ହେବାକୁ ବସିଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିନି। ଉକ୍ତ କମ୍ପ୍ଲେକ୍ସରେ ଶୌଚ, ଗାଧୁଆଘର, ଲକର, ଡ୍ରେସିଂ ରୁମ ଆଦି ରହିଛି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ତାହାର ନିର୍ମାଣ ୨୦୧୮ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କରାଯାଇଛି। ପୂର୍ତ୍ତ ବିଭାଗର ତଦାରଖରେ ନିର୍ମାଣ ହୋଇଥିଲେ ହେଁ ଅଦ୍ୟାବଧି ହସ୍ତାନ୍ତର ହୋଇ ନ ଥିବା କିମ୍ବା ଉଦ୍‌ଘାଟନ ହୋଇ ନ ଥିବାରୁ ପର୍ଯ୍ୟଟକ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ସାନଘାଗରା ଜଳପ୍ରପାତକୁ ବାର୍ଷିକ ୧ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିଥାନ୍ତି। ଜଳପ୍ରପାତ ପରିସରରେ ପର୍ଯ୍ୟଟକଙ୍କ ପାଇଁ ସ୍ନାନାଗାର, ଶୌଚାଳୟ ଭଳି ସର୍ବସାଧାରଣ ସୁବିଧା କେନ୍ଦ୍ର ନ ଥିବାରୁ ସେମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ବାହାରେ ସ୍ନାନ, ଶୌଚ କରିବା ସହ ମଳତ୍ୟାଗ କରୁଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ଏକ କେନ୍ଦ୍ର ନିର୍ମାଣ କରିବାକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇଥିଲା। ଏ ନେଇ ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସୁବିଧା କେନ୍ଦ୍ରର କାମ ସରିଛି। ହସ୍ତାନ୍ତର କରାଯିବା ପରେ ଖୁବ ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।

### ବ୍ଲକସ୍ତରୀୟ ପ୍ରତିଯୋଗିତା

**ଆନନ୍ଦପୁର,୧୧।୧(ସ୍ୱ.ପ୍ର.)**

ଚଳିତ ସାଧାରଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ ଘସିପୁରା ବ୍ଲକସ୍ତରୀୟ ପ୍ରତିଯୋଗିତା ଖଲଣା ୟୁଜିୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ମନମୋହନ ସାମଲ ଓ କୃଷ୍ଣ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସବଜୁନିୟର, ଜୁନିୟର ଓ ସିନିୟର ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ପ୍ରଫୁଲ୍ଲ ସାହୁ, ସୁରେଶ ଚନ୍ଦ୍ର ମହାନ୍ତି, ସୁଜୟ ମାଝୀ, କୁଳମଣି ସେଠୀ, ପ୍ରଭାତ ଧୀର, ନିରଞ୍ଜନ ପଣ୍ଡା, ଗୋଲକ ବିହାରୀ ସାହୁ, ବିଆରଟି ଶ୍ରୀବନ୍ତ ରାଉତ, ଶ୍ରୀକାନ୍ତ ଚକ୍ର, ମକର ଧ୍ୱଜ ନାୟକ, ପ୍ରାଣନାଥ ଜେନା, ଅନ୍ନପୂର୍ଣ୍ଣା ମାଝୀ, ପ୍ରଜ୍ଞା ପରମିତା ସିୟଲ, ସୁଧାଶ୍ରୀ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବେବିନାଙ୍କୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଶୋଭାଯାତ୍ରାରେ ଭାଜପା ମହିଳା କର୍ମୀ।

**ଆନନ୍ଦପୁର/ ଘସିପୁରା/ କେନ୍ଦୁଝର, ୧୧।୧(ସ୍ୱ.ପ୍ର.)**

ବହୁ ଚର୍ଚ୍ଚିତ ବେବିନା ହତ୍ୟାକାଣ୍ଡରେ ଦୋଷୀଙ୍କୁ ନିର୍ଦ୍ଦୋଶରେ ଖଲାସ କରାଯାଇଛି। ଏ ନେଇ ବେବିନା ପାଇଁ ନ୍ୟାୟ ଦାବି କରିଛି କେନ୍ଦୁଝର ଜିଲା ମହିଳାମୋର୍ଚ୍ଚା। ଆନନ୍ଦପୁର ନିର୍ବାଚନମଣ୍ଡଳୀ ଫକୀରପୁର ଗ୍ରାମରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲା ଭାଜପା ମହିଳା ସଭାନେତ୍ରୀ ସୁମତୀ ଯେନାଙ୍କ ନେତୃତ୍ୱରେ ମହିଳା କର୍ମୀ ବବିତା ଶତପଥୀ, ଟିଙ୍କିନା ଦାସ, ରେବତୀ ଯେନା, ରାଧା ମୁଖୀ, ଯାଇନ ଯେନା, ରୁନୁ ନାଥ, ଭାରତୀ ସାହୁ, ମାତାଜୀ ଯେନା, ମନ୍ଦାକିନୀ ନାୟକ, ରାଧା ନାଥ, ସଂଯୁକ୍ତା ନାଥ, ସୋନାଲି ଖୁଣ୍ଟିଆ, ଲକ୍ଷ୍ମୀ ଦେହୁରି, ବାସନ୍ତି ନାଥ, ପୂଜା ନାଥ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

କେନ୍ଦୁଝର ସହରରେ ମଧ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କ୍ୟାଣ୍ଡେଲ ରାଲି ହୋଇଥିଲା। ପୂର୍ବତନ ସଦର ବ୍ଲକ ଅଧକ୍ଷା କିରଣବାଳା ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ରାମ ମନ୍ଦିରରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା। ନଗର ସଭାନେତ୍ରୀ ରତ୍ନମଣୀ ସେଠୀ, ନନ୍ଦିନୀ ରାଉତ, ହେମାଙ୍ଗିନୀ ମହାନ୍ତ, ନନ୍ଦିନୀ ମହାନ୍ତ, ଆରତୀ ସାହୁ, ଯୋଶଦା ସାହୁ, ମରୀ ମୁର୍ମୁ ପ୍ରମୁଖ ସାମିଲ ଥିଲେ।

# ମୋଚିବନ୍ଧ ନୋଡାଲ ଉଚ୍ଚବିଦ୍ୟାଳୟ ବାର୍ଷିକୋତ୍ସବ

**କେନ୍ଦୁଝର, ୧୧।୧(ସ୍ୱ.ପ୍ର.)**


କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ସ୍ଥାନୀୟ ମୋଚିବନ୍ଧ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶିଲ ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ଯୋଗଦେଇ ଶିକ୍ଷାର ମହତ୍ୱ ଓ ପିତାମାତାଙ୍କ ପ୍ରତି ଭକ୍ତିଭାବ ରଖିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ଧର୍ମବୀର ମୋହନ ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ ବସନ୍ତ ଚକ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅବଦୁଲ ସକୁର ଯୋଗ ଦେଇଥିଲେ। ମୋ ସ୍କୁଲ ଅଭିଯାନର ସଭାପତି ସୋମନାଥ ଚାୱଡ଼ା କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ ନାରାୟଣ ମିଶ୍ର ବେଦପାଠ କରିଥିଲେ।

ଶିକ୍ଷୟିତ୍ରୀ ସୁଜାତା ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପୁରୁଷୋତ୍ତମ ସାହୁ, ଶିକ୍ଷୟିତ୍ରୀ ଚିତ୍ରରେଖା ମିଶ୍ର, ମିନାକ୍ଷୀ ନନ୍ଦ, ଜ୍ୟୋସ୍ନାରାଣୀ ସାହୁ, ଲୋପାମୁଦ୍ରା ପରିଡ଼ା, ପ୍ରଶାନ୍ତ ସେନାପତି ଏବଂ ମାଧ୍ୟମିକ ବିଭାଗର ଶିକ୍ଷକ ପ୍ରାଣବନ୍ଧୁ ପରିଡା, ମହେନ୍ଦ୍ର ସାହୁ, ଫକୀରମୋହନ ମହାନ୍ତ, ଦେବସ୍ମିତା ପଟ୍ଟନାୟକଙ୍କ ସମେତ ଅନ୍ୟ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଦ୍ୱିତୀକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା

**ଚମ୍ପୁଆ, ୧୧।୧ (ଡି.ଏନ.ଏ.)**

ଚମ୍ପୁଆସ୍ଥିତ ନେହେରୁ ଷ୍ଟାଡିୟମରେ ଶୁକ୍ରବାର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଏକାଦସିଆ ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ତହସିଲଦାର ଆଲୋକ ପଟେଲ, ସମ୍ମାନିତ ଅତିଥି ଚମ୍ପୁଆ ଥାନା ଅଧିକାରୀ ସୁମିତ ସୋରେନ, ଗଙ୍ଗାଧର କର, ଅଜିତ ରାମ, ପ୍ରଭାସିନୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷା ସହ କ୍ରୀଡ଼ା ଅଙ୍ଗାଅଙ୍ଗି ଭାବେ ଜଡିତ ବୋଲି ଅତିଥିମାନେ କହିଥିଲେ। କ୍ରୀଡ଼ା ମାନବକୁ ଶୃଙ୍ଖଳିତ କରୁଥିବା ବେଳେ ଶାରୀରିକ ସୁସ୍ଥତା ଓ ସୁରକ୍ଷିତ ଜୀବନ ପ୍ରଦାନ କରିଥାଏ ବୋଲି ଅତିଥି ମତ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଅତିଥି ପରିଚୟ ଦେଇଥିଲେ। ସହପ୍ରଧାନ ଆଚାର୍ଯ୍ୟ ବ୍ରଜ କିଶୋର ମହାନ୍ତ, ଭାସ୍କର ଚନ୍ଦ୍ର ମହାକୁଡ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

### ଗୌରବ ଆଣିଲେ ଟାଏକୋଣ୍ଡୋ ଖେଳାଳି

**ଯୋଡ଼ା, ୧୧।୧(ଡି.ଏନ.ଏ.)**

ଆନ୍ଧ୍ର ପ୍ରଦେଶର ଦଣ୍ଡମୁଡି ରାଜଗୋପାଲ ଇଣ୍ଡୋର ଷ୍ଟାଡିୟମ ବିଜୟୱାଡ଼ାଠାରେ ଅନୁଷ୍ଠିତ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ତ୍ରିବେଣୀ ସ୍ପୋର୍ଟସ ଏକାଡେମୀର ଖେଳାଳୀ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗିତାରେ ତ୍ରିବେଣୀ ଆର୍ଥ ମୁଭର୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ସ୍ପୋର୍ଟସ ଏକାଡେମୀର ଖେଳାଳି ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

ପ୍ରତିଯୋଗିତାର କୁନା ମାଝି, ପାଲୁ ମାଝି, ବିନୟ ବାରିକ, ପାର୍ଥସାରଥୀ ରାଉତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତପନ ପୃଷ୍ଟି, ଜଗନ୍ନାଥ ଟୁଡୁ ରୌପ୍ୟ ପଦକ ଓ ରାଉତ ଲାଗୁରୀ, ଦମୟନ୍ତୀ ପାତ୍ର କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ତ୍ରିବେଣୀ ସ୍ପୋର୍ଟସ ଏକାଡେମୀର ମୁଖ୍ୟ ପି. ରାଜା ଓ କମ୍ପାନୀ ମୁଖ୍ୟ ବି.ସି. ସ୍ୱାଇଁ ପ୍ରଶିକ୍ଷକ ପାର୍ଥସାରଥୀ ରାଉତ ଓ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବାର୍ଷିକ କ୍ରୀଡ଼ାରେ ୧୫୭୧ ଛାତ୍ରୀଛାତ୍ର

**କେନ୍ଦୁଝର, ୧୧।୧(ସ୍ୱ.ପ୍ର.)**

ସ୍ଥାନୀୟ ଜେଲରୋଡ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଗଡଠାରେ ୩୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ଷ୍ଟାଡିୟମରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡ଼ାରେ ମୋଟ ୧୫୭୧ ଶିଶୁ ଭଉଣୀଭାଇ ବିଭିନ୍ନ ଖେଳ ତଥା ଦୌଡ, ଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା, ଲମ୍ଫ ଡିଆଁ ଆଦି ୯ ବିଭାଗରେ ଭାଗ ନେବେ ବୋଲି ଜଣାଯାଇଛି। ଉଦ୍‌ଘାଟନୀରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ରାମରଞ୍ଜନ ହାଂସଦା ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସଞ୍ଜୟ ବସନ୍ତ ଚକ୍ର ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. କାର୍ତ୍ତିକ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଉପସଭାପତି ଇଂ ହରମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ରବୀନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ନିଳାମ୍ବର ମହାନ୍ତ, ସଦସ୍ୟା ରଶ୍ମି ଦେବୀ ଉପସ୍ଥିତ ଥିଲେ।

# ପୁରସ୍କୃତ ହେଲେ କୃତୀ ପ୍ରତିଯୋଗୀ

**ଆନନ୍ଦପୁର/ ଘସିପୁରା, ୧୧।୧ (ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ଶାଳବଣି ଗ୍ରାମ ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷୀକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶନ୍ନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ ରାଉତ, ଅତିଥି ଭାବେ ଏବିଇଓ ଚତୁର୍ଭୁଜ ପହି, ସମ୍ମାନିତ ଅତିଥି ଅଧାପିକା ଅନୁରାଧା ମହାନ୍ତି, ବିଦ୍ୟାଳୟର ପ୍ରତିଷ୍ଠାତା ନରେନ୍ଦ୍ର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ନାଥ, କେଲୁ ଚରଣ ନାଥ, ସରପଞ୍ଚ ମଞ୍ଜୁଲତା ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଶ୍ରୀଧର ମହାରଣା ଅତିଥି ପରିଚୟ ଦେଇଥିଲେ। ସୌମ୍ୟକାନ୍ତ ଚଉଧୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟତ୍ରୀ ଜାନକୀ ସାହୁ ଧନ୍ୟବାଦ ଦେଇଥିଲେ। କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜୀବ ନାୟକ, ଉର୍ମିଳା ଦେଇ, ପ୍ରଫୁଲ୍ଲ ଜେନା, ନାରାୟଣ ସାହୁ, ସୁଚିସ୍ମିତା ସାହୁ, ଜୟନ୍ତୀ ମାଝୀ, ଅନ୍ନପୂର୍ଣ୍ଣା ସେଠୀ, ଶୁଭଲକ୍ଷ୍ମୀ ମହାପାତ୍ର, ସୁରେନ୍ଦ୍ର ସାହୁ, ସୁଦାମ ଚରଣ ଦାସ, ଅଜିତ ସାହୁ, ରାମଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

# ସରକାରୀ ଜମିରେ ଇଟା ଫ୍ୟାକ୍ଟ୍ରି ନିର୍ମାଣ


ଚାଷ ଜମିରେ ନିର୍ମିତ ହୋଇଥିବା ଇଟା ଫ୍ୟାକ୍ଟ୍ରି।

**କେନ୍ଦୁଝର, ୧୧।୧(ସ୍ୱ.ପ୍ର.)**

ସଦର ତହସିଲ ଅନ୍ତର୍ଗତ ନେଲୁଙ୍ଗ ଗ୍ରାମରେ ବେଆଇନ ହୁଡି, ମୋରମ ଖୋଳା ନେଇ ଅଭିଯୋଗ ହୋଇଆସୁଛି। ଏବେ ସରକାରୀ ଜମି ଜବରଦଖଲ ହୋଇଛି। ଉକ୍ତ ଗ୍ରାମର ଏକ ସରକାରୀ ଜମିରେ ଇଟା ଫ୍ୟାକ୍ଟ୍ରି ନିର୍ମାଣ ହୋଇଛି। ଏ ନେଇ ସ୍ଥାନୀୟ ୱାର୍ଡ ମେମ୍ବର ପ୍ରସନ୍ନ ଦାସ ସମେତ ଗ୍ରାମବାସୀ ତହସିଲଦାରଙ୍କଠାରେ ଅଭିଯୋଗ କରିଛନ୍ତି। ଉକ୍ତ ଜମି ଦେଇ ସ୍ଥାନୀୟ ଚାଷୀ ଆଖପାଖ ବିଲକୁ ହଳ, ଲଙ୍ଗଳ ଧରି ଯିବାଆସିବା କରୁଥିଲେ। ଫ୍ୟାକ୍ଟ୍ରି ଯୋଗୁଁ ଯାତାୟତ ସମସ୍ୟା ଭୋଗୁଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଉକ୍ତ ଇଟା ଫ୍ୟାକ୍ଟ୍ରିରେ ବ୍ୟବହୃତ ପାଉଁଶ ପବନରେ ଉଡି ଏଣେ ତେଣେ ପଡୁଥିବାରୁ ଚାଷ ଜମି ନଷ୍ଟ ହେଉଛି। ଉକ୍ତ ଜମିକୁ ଜବରଦଖଲ ମୁକ୍ତ କରିବା ସହ ଫ୍ୟାକ୍ଟ୍ରିକୁ ଅନ୍ୟତ ସ୍ଥାନାନ୍ତରଣ କରିବାକୁ ଦାବି ହୋଇଛି। ଏ ନେଇ ତହସିଲଦାର ପଦକ୍ଷେପ ନେବାକୁ ଆଦେଶ କରିଥିବା ୱାର୍ଡ ମେମ୍ବର ପ୍ରସନ୍ନ କହିଛନ୍ତି। ପଦକ୍ଷେପ ନିଆ ନ ଗଲେ ବାଧ ହୋଇ ସ୍ଥାନୀୟ ଅଞ୍ଚଳର ଚାଷୀ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

# କାର୍ଯ୍ୟାଳୟ ଘେରିଲେ ହିତାଧିକାରୀ

**ତେଲକୋଇ, ୧୧।୧(ଡି.ଏନ.ଏ.)**

**ଯୋଗାଣ ସାମଗ୍ରୀ ବଣ୍ଟନରେ ଅନିୟମିତତା**


ଯୋଗାଣ ନିରୀକ୍ଷକଙ୍କ ସହ ହିତାଧିକାରୀ ଆଲୋଚନା କରୁଛନ୍ତି।

ତେଲକୋଇ ବ୍ଲକ ଅନ୍ତର୍ଗତ ସଲେଇକେନା ପଞ୍ଚାୟତରେ ପିଡିଏସ୍ ସାମଗ୍ରୀ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପଞ୍ଚାୟତର କେତେକ ହିତାଧିକାରୀ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟକୁ ଘେରିଥିଲେ। ଯୋଗାଣ ନିରୀକ୍ଷକଙ୍କଠାରୁ ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତଦନ୍ତ ପ୍ରତିଶ୍ରୁତି ମିଳିବା ପରେ ଘେରାଉ ସ୍ଥଗିତ ରହିଥିଲା। ଉକ୍ତ ପଞ୍ଚାୟତରେ ମାୟା ଲକ୍ଷ୍ମୀ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଚାଉଳ, ଗହମ ଓ କିରୋସିନ ବଣ୍ଟନର ବ୍ୟବସ୍ଥା ରହିଛି। ସ୍ଥାନୀୟ ସରପଞ୍ଚଙ୍କ ଶ୍ୱଶୁରଙ୍କ ଘରେ ବଣ୍ଟନ ବ୍ୟବସ୍ଥା କରାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ବଣ୍ଟନ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ନଭେମ୍ବର ମାସର ସାମଗ୍ରୀ ହିତାଧିକାରୀଙ୍କୁ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଚାଉଳ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗକାରୀଙ୍କ ମଧ୍ୟରେ ଚିନ୍ମୟ ମହାନ୍ତ, ଗୁରୁଚରଣ ଦେହୁରି, ମଙ୍ଗଲ ମହାନ୍ତ, ରାମ ଦେହୁରି, ଦୁଃଶାସନ ନାଏକ, କୃଷ୍ଣଚନ୍ଦ୍ର ମହାକୁଡ, ଜିତେନ୍ଦ୍ର ପେଣ୍ଟେଇ, ଝରୀ ଦେହୁରି, ସରତ ନାଏକ, କରୁଣା କର ନାଏକ ରହିଛନ୍ତି। ଏ ନେଇ ଯୋଗାଣ ନିରୀକ୍ଷକ ଅଧିକାରୀ ଲକ୍ଷ୍ମଣ ମାଝୀଙ୍କୁ ପଚାରିବାରୁ ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।